ତା 24.09.2025 ରିଖ

## Grade Pay ବୃଦ୍ଧି ପାଇଁ ପଦକ୍ଷେପ

ଅଣତାରକା ପ୍ରଶ୍ନ ସଂଖ୍ୟା –1794 ଶ୍ରୀ ଅରବିନ୍ଦ ମହାପାତ୍ର : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅନୁଗ୍ରହ କରି କହିବେକି :- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଜିଲ୍ଲା ଅଫିସରେ କାର୍ଯ୍ୟ କରୁଥିବା ବରିଷ୍ଠ/ କନିଷ୍ଠ କର୍ମଚାରୀଙ୍କୁ ତାଙ୍କର RACP ବେନିଫିଟ୍ 4200 ଟଙ୍କା ପରିବର୍ତ୍ତେ ସେମାନଙ୍କୁ 2800 ଟଙ୍କା ଦିଆଯାଇଛି, ଏହାର କାରଣ ଏହି କର୍ମଚାରୀ ମାନେ 1985 GA Department ନିୟମରେ ପ୍ରବେଶ କରିନାହାନ୍ତି କି; ବିସ୍ତୃତ ଭାବରେ ଜଣାଇବେ କି; ଏହି ବରିଷ୍ଠ/ କନିଷ୍ଠ କର୍ମଚାରୀ ମାନଙ୍କୁ 2nd RACP ବେନିଫିଟ୍ 4200 Grade Pay କେବେ ସୁଦ୍ଧା ପ୍ରଦାନ କରାଯିବ ଅବଗତ କରିବେ କି; ଏବଂ ଏହି ସମ୍ବନ୍ଧରେ କେତେ ଗୋଟି ଦରଖାସ୍ତ ବିଚାର ପାଇଁ ପଡ଼ିରହିଛି 2018 ରୁ ଆଜି ପର୍ଯ୍ୟନ୍ତ, ତାର ସମ୍ପୂର୍ଣ୍ଣ ବିବରଣୀ ଓ ବିଳମ୍ବର କାରଣ ଜଣାଇବେ କି ?

ଉତ୍ତର

**କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ :-**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନସ୍ଥ ଜିଲ୍ଲା ଅଫିସରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କ "4200 Grade Pay ବୃଦ୍ଧି" ଆବେଦନ ର ସମାଧାନ ନିମନ୍ତେ ଏକ ବିଭାଗୀୟ କମିଟି ର ନିଷ୍ପତ୍ତି କ୍ରମେ ଉକ୍ତ ପ୍ରସ୍ତାବଟି ଅର୍ଥ ବିଭାଗକୁ ପ୍ରେରଣ କରାଯାଇଥିଲା ।

ଅର୍ଥ ବିଭାଗ, ଉକ୍ତ ପ୍ରସ୍ତାବଟିକୁ ତର୍ଜମା କରି ଅବଗତ କରାଇଥିଲେ ଯେ, ଯେହେତୁ ଉପରୋକ୍ତ କର୍ମଚାରୀ ମାନେ Composite Cadre ଅନ୍ତର୍ଭୁକ୍ତ ଏବଂ ଉକ୍ତ Cadre ର କୌଣସି Cadre ନିୟମ ଗଠନ ହୋଇନାହିଁ କିମ୍ବା ସେଥିରେ ବରିଷ୍ଠ ଓ କନିଷ୍ଠ କିରାଣୀ ପଦବୀ ବ୍ୟତୀତ କୌଣସି Head Clerk (4200 Grade Pay) ପଦବୀ ନିର୍ଦ୍ଧାରିତ ହୋଇନାହିଁ, ସେହି କର୍ମଚାରୀ ମାନଙ୍କୁ RACP ନିୟମାବଳୀ ଅନୁଯାଇ କେବଳ ପରବର୍ତ୍ତୀ Grade Pay, ଯାହା କି 2800 ଦିଆଯିବ ।

ଏଣୁ ଏହି ପରିପ୍ରେକ୍ଷୀ ରେ, ଉକ୍ତ କର୍ମଚାରୀ (2400 Grade Pay)ଙ୍କୁ 2nd RACP ରେ 4200 Grade Pay ପରିବର୍ତ୍ତେ 2800 Grade Pay ପ୍ରଦାନ କରାଯାଇଥିଲା ।

ଏତଦ୍ ବ୍ୟତୀତ ସମ୍ପ୍ରତି ଅର୍ଥ ବିଭାଗ ସଂକଳ୍ପ ସଂଖ୍ୟା 5073 ତା 13.02.2025 ରିଖ ରେ ଏହା ପୁନଃ ସ୍ପଷ୍ଟୀକରଣ କରାଯାଇଅଛି ଯେ କେବଳ ଏକ ଗୋଟି କିମ୍ବା ଦୁଇଟି ପଦୋନ୍ନତି ପାହ୍ୟା ଥିବା ତଥା ଅନ୍ୟ

କୌଣସି Cadre କୁ ପଦୋନ୍ନତି ପାଇଁ ସୁଯୋଗ ନଥିବା କର୍ମଚାରୀ ମାନେ ନିଜ cadre ର ପଦୋନ୍ନତି ପାହ୍ୟା ରେ ORSP Rules, 2008 ଅନୁସାରେ ପରବର୍ତ୍ତୀ Grade Pay ପାଇପାରିବେ ।

ଏଣୁ ଉକ୍ତ କର୍ମଚାରୀ ମାନଙ୍କ ସମସ୍ତ Grade pay ଦେବା ନିମନ୍ତେ ଆବେଦନ ଗୁଡିକୁ ବିଚାରକୁ ନିଆଯାଇ ଅର୍ଥ ବିଭାଗର ପୂର୍ବ ମତାମତ ଓ ସମ୍ପ୍ରତି ଅର୍ଥ ବିଭାଗର ସ୍ପଷ୍ଟୀକରଣ ଆଧାରରେ ଏହାକୁ ଖାରଜ କରାଯାଇଅଛି ।

ଇତି ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗ ଓ ଅର୍ଥବିଭାଗ ର ମତାମତ ଅନୁଯାୟୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନରେ ଜିଲ୍ଲାସ୍ତରରେ ଥିବା ସମସ୍ତ କିରାଣୀ ପଦବୀ ଗୁଡିକର ଏକତ୍ରୀକରଣ କରି ସଂକଳ୍ପ ସଂଖ୍ୟା 1823 ତା 01.02.2023 ରିଖ ମାଧ୍ୟମରେ **Odisha Civil Supplies Ministerial District Cadre** ତିଆରି କରାଯାଇ ଅର୍ଥ ବିଭାଗର ଅନୁମୋଦନ ଅନୁସାରେ ଉକ୍ତ cadre ର ପୁନର୍ବିନ୍ୟାସ (restructuring) କରାଯାଇଥିଲା ।

ମାତ୍ର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମତ ଅନୁଯାୟୀ ଉପରୋକ୍ତ cadre ଟି କୁ ତାଙ୍କ ବିଭାଗର ସଂକଳ୍ପ ସଂଖ୍ୟା 8898 ତା 15.03.2024 ରିଖ ଅନୁସାରେ ପୁନଃଯାଞ୍ଚ କରିବା ପାଇଁ ଅର୍ଥ ବିଭାଗ କୁ ଅନୁମୋଦନ ନିମନ୍ତେ ପ୍ରେରଣ କରାଯାଇଅଛି ।

ଏହି କ୍ୟାଡ଼ର୍ ର ପୁନର୍ବିନ୍ୟାସ ଏବଂ ତତ୍ ସଂକ୍ରାନ୍ତିୟ କ୍ୟାଡ଼ର୍ ରୁଲ୍ (Cadre Rule) ସରକାରଙ୍କ ଅନୁମୋଦନ ପାଇବା ପରେ ନିୟମ ଅନୁଯାୟୀ ବିହିତ ପଦକ୍ଷେପ ଗ୍ରହଣ କରାଯିବ ।

ଅଦ୍ୟାବଧି ଜିଲ୍ଲାସ୍ତରରେ କାର୍ଯ୍ୟରତ ବରିଷ୍ଠ / କନିଷ୍ଠ କର୍ମଚାରୀଙ୍କ କୌଣସି ଦରଖାସ୍ତ ବିଚାର ପାଇଁ ପଡିରହି ନାହିଁ ।